ଜଗନ୍ନାଥ କାଶୀନାଥ ପାଟିଲ

ବନାମ

ନାରାୟଣ ବାଲୁଗାଇକର

ସେପ୍ଟେମ୍ବର, 24, 1996

[କେ. ରାମାସ୍ୱାମୀ, କେ. ଭେଙ୍କଟସ୍ୱାମୀ ଏବଂ
ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିବୃନ୍ଦ]

*ମକଦ୍ଦମା – ସମ୍ପତ୍ତିର ମାଲିକାନା – ପ୍ରମାଣ – ବିବାଦରେ ଥିବା ପ୍ଲଟ୍ ଉପରେ ନିର୍ମାଣ ହଟାଇବା ଏବଂ ତାଙ୍କ ଦଖଲରେ ହସ୍ତକ୍ଷେପ କରିବାରୁ ପ୍ରତିବାଦୀ-ଅପିଲକାରୀଙ୍କ ବିରୋଧରେ ବାଦୀ ଉତ୍ତରଦାତା ମକଦ୍ଦମା ଦାଖଲ କରିଥିଲେ – ବାଦୀ ତାଙ୍କ ଆଈ, ସମ୍ପତ୍ତିର ମାଲିକଙ୍କ ଉତ୍ତରାଧିକାରୀ ଭାବେ ମାଲିକାନା ଦାବି କରିଥିଲେ – ବନ୍ଧକ ଗ୍ରହୀତା ବାଦୀଙ୍କୁ ସମ୍ପତ୍ତିର ଦଖଲ ପ୍ରଦାନ କରିଥିଲେ – ଅପିଲକାରୀ ତାଙ୍କ ମୌଖିକ ପରିସାକ୍ଷ୍ୟ ବ୍ୟତୀତ ମାଲିକାନା ସମ୍ବନ୍ଧୀୟ କୌଣସି ପ୍ରମାଣ ଦାଖଲ କରିବାରେ ବିଫଳ ହୋଇଥିଲେ – ବିଚାର କରିଥିବା ନ୍ୟାୟାଳୟଏବଂ ଉଚ୍ଚ ନ୍ୟାୟାଳୟ ମକଦ୍ଦମାର ଫଏସଲା କରିବାରେ ସଠିକ ଥିଲେ ବୋଲି ଦର୍ଶାଯାଇଛି – ବାଦୀ/ଉତ୍ତରଦାତା ତାଙ୍କ ଆଈଙ୍କଠାରୁ ସମ୍ପତ୍ତିର ଉତ୍ତରାଧିକାରୀ ଭାବରେ ନିର୍ଦ୍ଦିଷ୍ଟ ହୋଇଥିବାରୁ ଏବଂ ବନ୍ଧକ ଗ୍ରହୀତାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସମ୍ପତ୍ତିର ଦଖଲରେ ଥିବାରୁ, ଆଈଙ୍କ ସମ୍ପତ୍ତିର ଉତ୍ତରାଧିକାରୀ ତାଙ୍କୁ ସମ୍ପତ୍ତିର ମାଲିକାନା ପ୍ରଦାନ କରେ ଏବଂ ବନ୍ଧକ ଗ୍ରହୀତାଙ୍କ ଦ୍ୱାରା ତାଙ୍କୁ ଦଖଲ ପ୍ରଦାନ ସମ୍ପତ୍ତିରେ ତାଙ୍କ ବିଧି ସମ୍ମତ ମାଲିକାନା ଏବଂ ଆଇନଗତ ଦଖଲକୁ ଦୃଢ଼ କରେ – ଉତ୍ତରଦାତା ଅନୁରୋଧ ଅନୁଯାୟୀ କୌଣସି ହସ୍ତକ୍ଷେପ ବିନା ଦଖଲ ଧାରଣ କରିକି ରଖିବାକୁ ହକଦାର ଏବଂ ବିଚାର କରିଥିବା ନ୍ୟାୟାଳୟ ଦ୍ୱାରା ମଞ୍ଜୁର ହୋଇଥିବା ନିଷେଧାଦେଶ ଆଇନରେ ସଠିକ ଅଟେ ।*

ଦେୱାନୀ ଅପିଲ ଅଧିକାରିତା :ଦେୱାନୀ ଅପିଲ ସଂଖ୍ୟା 1205/1980 ।

ଏସ୍. ଏ. ସଂଖ୍ୟା 553/1971 ରେ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ 30.1.79 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଭି. ବି. ଯୋଶୀ ।

ଉତ୍ତରଦାତାଙ୍କ ପାଇଁ ଭି. ଏନ୍. ଗଣପୁଲେ, ମକରନ୍ଦ ଡି. ଅଦକର, ଏସ୍. ଡି. ସିଂ, କୁମାର ପରିମଲ ଏବଂ ଏଜାଜ୍ ମକବୁଲ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲ ଦ୍ୱିତୀୟ ଅପିଲ ସଂଖ୍ୟା 553/1971ରେ ବମ୍ବେ ଉଚ୍ଚ ନ୍ୟାୟାଳୟର ଏକକ ବିଚାରପତିଙ୍କ ଦ୍ୱାରା 30 ଜାନୁଆରୀ, 1979 ତାରିଖର ରାୟରୁ ଉତ୍ପନ୍ନ ହୋଇଛି ।

ସ୍ୱୀକାର କରାଯାଇଥିବା ତଥ୍ୟ ହେଉଛି ଯେ, ଉତ୍ତରଦାତା ଉକ୍ତ ପ୍ଲଟ୍ ର ମାଲିକାନା ଦାବି କରି ଅପିଲକାରୀଙ୍କ ବିରୋଧରେ ନିର୍ମାଣକୁ ହଟାଇବା ପାଇଁ ଏବଂ ସ୍କେଚ୍ (ଇଏକ୍ସଏଚ୍ 44) ରେ "A B C ଏବଂ D" ଅକ୍ଷର ଦ୍ୱାରା ଚିହ୍ନିତ 50 'x 30' ପରିମାଣର ଜମିର ଦଖଲ ଏବଂ ଉପଭୋଗରେ ହସ୍ତକ୍ଷେପ କରିବାରୁ ତାଙ୍କୁ ରୋକିବା ପାଇଁ ମକଦ୍ଦମା ଦାଖଲ କରିଥିଲେ । ବିଚାର କରିଥିବା ବିଜ୍ଞ ନ୍ୟାୟାଳୟ ଏହି ମକଦ୍ଦମାର ଫଏସଲା କରିଥିଲେ, ଅପିଲ କରିବାରୁ ଏହାକୁ ଓଲଟାଇ ଦିଆ ଯାଇଥିଲା । ଦ୍ୱିତୀୟ ଅପିଲରେ, ଉଚ୍ଚ ନ୍ୟାୟାଳୟ ଅପିଲ ନ୍ୟାୟାଳୟର ଡିକ୍ରିକୁ ରଦ୍ଦ କରିଥିଲେ ଏବଂ ବିଚାର କରିଥିବା ବିଜ୍ଞ ନ୍ୟାୟାଳୟଙ୍କ ଡିକ୍ରିକୁ ନିଶ୍ଚିତ କରିଥିଲେ । ତେଣୁ ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲ ।

ସାକ୍ଷୀମାନଙ୍କ ଜେରା ସମୟରେ ଏହା ବିବାଦୀୟ ନଥିଲା ଯେ, ଏହି ସମ୍ପତ୍ତି ମୂଳତଃ ଉତ୍ତରଦାତାଙ୍କ ଆଈ ରୁକ୍ମଣୀବାଈଙ୍କର ଥିଲା, ଯିଏ ଜଣେ ପୁଖରାଜଙ୍କ ସପକ୍ଷରେ ଅଧିକୃତ ବନ୍ଧକ ଦଲିଲ ନିଷ୍ପାଦନ କରିଥିଲେ ଏବଂ ଉକ୍ତ ପୁଖରାଜ ବନ୍ଧକ ଦଲିଲକୁ ଫେରାଇ ଦେଇଥିଲେ ଏବଂ ଉତ୍ତରଦାତାଙ୍କୁ ଘରର ଦଖଲ ମଧ୍ୟ ପ୍ରଦାନ କରିଥିଲେ । ତେଣୁ, ଉଚ୍ଚ ନ୍ୟାୟାଳୟ ଏହି ସମସ୍ତ ତଥ୍ୟମୂଳକ ଗୁଚ୍ଛକୁ ବିଚାରକୁ ନେଇଛନ୍ତି ଏବଂ ଏହି ଉପସଂହାରରେ ଉପନୀତ ହୋଇଛନ୍ତି ଯେ, ଉତ୍ତରଦାତା-ବାଦୀ ତାଙ୍କ ଆଈଙ୍କ ସମ୍ପତ୍ତିରେ ଉତ୍ତରାଧିକାରୀ ହୋଇଛନ୍ତି ଏବଂ ତାଙ୍କୁ ବନ୍ଧକଗ୍ରହୀତାଙ୍କ ଦ୍ୱାରା ଦଖଲ ପ୍ରଦାନ କରାଯାଇଛି ଏବଂ ସେ ସମ୍ପତ୍ତିର ଦଖଲରେ ରହିଛନ୍ତି । ଅପିଲକାରୀ ତାଙ୍କ ସମ୍ପତ୍ତିର ସୁବିଧାଜନକ ଉପଭୋଗ ପାଇଁ ସେଥିରେ ଗୋଟିଏ କୋଠରୀ ଏବଂ ଶୌଚାଳୟ ନିର୍ମାଣ କରିଥିଲେ । ଯଦିଓ ଅପିଲକାରୀ ତାଙ୍କର ନିଜସ୍ୱ ମାଲିକାନା ଉତ୍ଥାପନ କରିଥିଲେ, କିନ୍ତୁ ସେ ତାଙ୍କ ମୌଖିକ ପରିସାକ୍ଷ୍ୟ ବ୍ୟତୀତ ମାଲିକାନାର କୌଣସି ପ୍ରମାଣ ଦାଖଲ କରିନାହାଁନ୍ତି । ଅପିଲ ନ୍ୟାୟାଳୟ ଏହି ଉପସଂହାରରେ ଉପନୀତ ହୋଇଛନ୍ତି ଯେ, ବନ୍ଧକ କୌଣସି ମାଲିକାନା ସୃଷ୍ଟି କରେ ନାହିଁ ଏବଂ ଉତ୍ତରଦାତାମାନଙ୍କ ମାଲିକାନା ପ୍ରତିଷ୍ଠା କରିବା ପାଇଁ ଉପଯୁକ୍ତ ସାକ୍ଷ୍ୟ ଉପସ୍ଥାପନ କରାଯିବା ଉଚିତ ଥିଲା ଏବଂ ସେହି ଆଧାରରେ ବିଚାର କରିଥିବା ବିଜ୍ଞ ନ୍ୟାୟାଳୟଙ୍କ ରାୟ ଏବଂ ଡିକ୍ରିକୁ ରଦ୍ଦ କରିଦେଇଥିଲେ ।

ଅପିଲକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତା ଶ୍ରୀଯୁକ୍ତ ଯୋଶୀ ଯୁକ୍ତି କରିଥିଲେ ଯେ, ଉପରୋକ୍ତ ତଥ୍ୟ ଉପରେ ଅପିଲ ନ୍ୟାୟାଳୟଙ୍କ ମତ ଆଇନ ଦୃଷ୍ଟିରୁ ସଠିକ ଅଟେ ଏବଂ ତଥ୍ୟର ଚୂଡ଼ାନ୍ତ ନ୍ୟାୟାଳୟ ଦ୍ୱାରା ନଥିଭୁକ୍ତ କରାଯାଇଥିବା ତଥ୍ୟର ସିଦ୍ଧାନ୍ତରେ ହସ୍ତକ୍ଷେପ କରିବାରେ ଉଚ୍ଚ ନ୍ୟାୟାଳୟ ନ୍ୟାୟସଙ୍ଗତ ନଥିଲେ । ଯୁକ୍ତିରେ ଆମେ କୌଣସି ଦୃଢତା ପାଉନାହୁଁ । ବାଦୀ/ଉତ୍ତରଦାତା ତାଙ୍କ ଆଇଙ୍କଠାରୁ ସମ୍ପତ୍ତିର ଉତ୍ତରାଧିକାରୀ ଭାବରେ ନିର୍ଦ୍ଦିଷ୍ଟ ହୋଇଥିବାରୁ ଏବଂ ବନ୍ଧକ ଗ୍ରହୀତା, ପୁଖରାଜଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସମ୍ପତ୍ତିର ଦଖଲରେ ଥିବାରୁ, ଆଈଙ୍କ ସମ୍ପତ୍ତିର ଉତ୍ତରାଧିକାରୀ ତାଙ୍କୁ ସମ୍ପତ୍ତିର ମାଲିକାନା ପ୍ରଦାନ କରେ ଏବଂ ବନ୍ଧକ ଗ୍ରହୀତାଙ୍କ ଦ୍ୱାରା ତାଙ୍କୁ ଦଖଲ ପ୍ରଦାନ ସମ୍ପତ୍ତିରେ ତାଙ୍କ ବିଧି ସମ୍ମତ ମାଲିକାନା ଏବଂ ଆଇନଗତ ଦଖଲକୁ ଦୃଢ କରେ । ଉତ୍ତରଦାତା ଅନୁରୋଧ ଅନୁଯାୟୀ କୌଣସି ହସ୍ତକ୍ଷେପ ବିନା ଦଖଲ ଧାରଣ ରଖିବାକୁ ହକଦାର ଏବଂ ବିଚାର କରିଥିବା ବିଜ୍ଞ ନ୍ୟାୟାଳୟ ଦ୍ୱାରା ମଞ୍ଜୁର ହୋଇଥିବା ନିଷେଧାଦେଶ ଆଇନରେ ସଠିକ ଅଟେ । ଉଚ୍ଚ ନ୍ୟାୟାଳୟ ଦ୍ୱିତୀୟ ଅପିଲକୁ ଯଥାର୍ଥ ଭାବରେ ମଞ୍ଜୁର କରିଥିଲେ । ଅପିଲକାରୀଙ୍କୁ ଆଜିଠାରୁ ତିନି ମାସର ଅବଧି ମଧ୍ୟରେ ଉକ୍ତ ସମ୍ପତ୍ତି ଉପରେ ଥିବା ଆପତ୍ତିଜନକ ନିର୍ମାଣକୁ ହଟାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ବିଫଳ ହେଲେ, ଉତ୍ତରଦାତା ଡିକ୍ରି ନିଷ୍ପାଦନ କରି ଏହାକୁ ହଟାଇବା ପାଇଁ ଏବଂ ଅପିଲକାରୀଙ୍କ ଠାରୁ ଏଥିପାଇଁ ହୋଇଥିବା ଖର୍ଚ୍ଚ ଆଦାୟ କରିବା ପାଇଁ ସ୍ୱାଧୀନ ରହିବେ ।

ତଦନୁସାରେ ଅପିଲକୁ ଖାରଜ କରାଗଲା । କୌଣସି ଖର୍ଚ୍ଚ ନାହିଁ ।

ଆର୍.ପି. ଅପିଲ ଖାରଜ କରାଗଲା ।

<u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

ଅନୁବାଦିକା

ଶିବାନୀ ଦାଶ

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ